# ଛାତ୍ରଛାତ୍ରୀମାନଙ୍କୁ ସୁନିଶ୍ଚିତ ସୁରକ୍ଷା ଓ ନିରାପତ୍ତା ପ୍ରଦାନ ପାଇଁ ନିୟମାବଳୀ

- ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ / ଶିକ୍ଷୟତ୍ରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ମାନଙ୍କର ମର୍ଯ୍ୟଦା, ଅଧିକାର ଓ ବ୍ୟକ୍ତିଗତ ଗୋପନୀୟତାକୁ ଉପଯୁକ୍ତ ସମ୍ମାନ ଦେବେ ।
- ବିଦ୍ୟାଳୟର ଶିକ୍ଷକ / ଶିକ୍ଷୟତ୍ରୀ ଓ କର୍ମଚାରୀ, ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଭଦ୍ର ଓ ନରମ ଭାବ ପୋଷଣ କରିବା ସହିତ ସେମାନେ କିଭଳି ଏକ ସୁସ୍ଥ ଓ ନିରାପଦ ପରିବେଶରେ ପାଠ ପଢ଼ିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବେ ।
- କୌଣସି ପରିସ୍ଥିତି ବା କାରଣ ବଶତଃ କୌଣସି ଛାତ୍ରଛାତ୍ରୀଙ୍କୁ କୌଣସି ଶିକ୍ଷକ / ଶିକ୍ଷୟତ୍ରୀ ବା କର୍ମଚାରୀ ନିଜର କ୍ୱାର୍ଟର / ବାସଗୃହକୁ ଡାକିପାରିବେ ନାହିଁ ।
- କୌଣସି ଶିକ୍ଷକ / ପୁରୁଷ କର୍ମଚାରୀ କିମ୍ବା ଅନ୍ୟ କୌଣସି ପୁରୁଷ ବ୍ୟକ୍ତି ସଙ୍ଗରେ ଜଣେ ଶିକ୍ଷୟତ୍ରୀ କିମ୍ବା ମହିଳା କର୍ମଚାରୀ ନନେଇ ଛାତ୍ରୀ ନିବାସ ପରିସର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ ।
- ସମସ୍ତ ଶିକ୍ଷକ / ଶିକ୍ଷୟତ୍ରୀ ଓ କର୍ମଚାରୀ ସର୍ବଦା ସତର୍କ ରହିବା ସହିତ କୌଣସି ଛାତ୍ରଛାତ୍ରୀଙ୍କ ପ୍ରତି କୌଣସି ପ୍ରକାର ନିର୍ଯ୍ୟାତନାର ଆଶଙ୍କା କଲେ ବା ପ୍ରତ୍ୟକ୍ଷ ବା ପରୋକ୍ଷ ସୂଚନା ପାଇଲେ ତୁରନ୍ତ ସଂପୃକ୍ତ ବରିଷ୍ଠ ଅଧିକାରୀଙ୍କୁ ଜଣାଇବେ ।
- କୌଣସି ପ୍ରକାର ଅସୁସ୍ଥତା କିମ୍ବା ନିର୍ଯ୍ୟାତନାରେ ଆକ୍ରାନ୍ତ ହେଲେ ସଂପୃକ୍ତ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ମେଡିକାଲ ଚିକିତ୍ସା ଯୋଗାଇ ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେବେ ।
- ବିଦ୍ୟାଳୟ ପରିସରକୁ ଆସୁଥିବା ବ୍ୟକ୍ତିମାନଙ୍କର ନାମ, ଠିକଣା, ଆସିବା ସମୟ, ଫେରିବା ସମୟ, ଆସିବାର ଅଭିପ୍ରାୟ ଆଦିର ବିବରଣୀ ରଖିବା ପାଇଁ ଏକ ସୁସ୍ତିକା ବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ରଖାଯିବ ।
- ଛାତ୍ର/ଛାତ୍ରୀମାନଙ୍କର ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଶିକ୍ଷୟତ୍ରୀ ସାପ୍ତାହିକ ବୈଠକ କରିବେ ।
- ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ର/ଛାତ୍ରୀମାନଙ୍କ ମନରେ ଏପରି ଆତ୍ମ ପ୍ରତ୍ୟୟ ସୃଷ୍ଟି କରିବେ ଯାହାଦ୍ୱାରା ସେମାନେ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ କୌଣସି ଘଟଣାକୁ ନିର୍ଭୀକ ଓ ନିସଙ୍କୋଚ ଭାବେ କହିପାରିବେ । ସେହି ଛାତ୍ର/ଛାତ୍ରୀଙ୍କ ନାମ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୋପନ ରଖିବେ ।
- କୌଣସି ଛାତ୍ର /ଛାତ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିବା କିମ୍ବା ଶୋଷଣ କରୁଥିବା କୌଣସି ଶିକ୍ଷକ / ଶିକ୍ଷୟତ୍ରୀ ବା କର୍ମଚାରୀଙ୍କୁ କଦାପି ବରଦାସ୍ତ କରାଯିବ ନାହିଁ ।
- ବିଦ୍ୟାଳୟର କୌଣସି ଛାତ୍ରଛାତ୍ରୀଙ୍କ ପ୍ରତି ନିର୍ଯ୍ୟାତନା କିମ୍ବା ଶୋଷଣ ଏକ ଗୁରୁତର ଅପରାଧ ଏବଂ ସେଥିପାଇଁ ସଂପୃକ୍ତ ଶିକ୍ଷକ / ଶିକ୍ଷୟତ୍ରୀ ବା କର୍ମଚାରୀଙ୍କୁ ଓଡ଼ିଶା ସିଭିଲ ସର୍ଭିସେସ (କ୍ଲାସିଫିକେସନ, କଣ୍ଟ୍ରୋଲ ଓ ଅପିଲ) ରୁଲସ୍, ୧୯୬୨ର ଧାରା ଅନୁଯାୟୀ ଚାକିରିରୁ ବରଖାସ୍ତ କରାଯାଇ ପାରେ ।
- ପୋକ୍ସୋ ଆକ୍ଟ, ୨୦୧୨ର ଧାରା ଅନୁସାରେ କୌଣସି ଶିଶୁ ଯୌନ ନିର୍ଯ୍ୟାତନାର ଶିକାର ହେବା ବିଷୟରେ ଜ୍ଞାତ ବ୍ୟକ୍ତି ସୂଚନା ଦେବାକୁ ବାଧ୍ୟ । ସୂଚନା ନ ଦେଲେ ତାଙ୍କୁ ୬ ମାସ ଜେଲ ଦଣ୍ଡ କିମ୍ବା ଜରିମାନାରେ ଦଣ୍ଡିତ କରାଯାଇପାରେ ।

**ବିଶେଷ ଦ୍ରଷ୍ଟବ୍ୟ :** ଉପରୋକ୍ତ ନିୟମାବଳୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ପତ୍ର ସଂଖ୍ୟା ୩୩୯୬୩/ଏସ୍ଏସ୍ଡି ତା ୨୪.୧୨.୨୦୧୪ରେ ଜାରି କରାଯାଇଥିବା "ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ମାର୍ଗଦର୍ଶିକା"ରୁ ଉଦ୍ଧୃତ ।

UNFPA

କମିଶନର-ତଥା-ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୁଚିତ ଜାତି ଉନ୍ନୟନ ବିଭାଗ